# Akashvani, Sambalpur

## SAMBALPURI NEWS EVENING BULLETIN

## 4 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ଉଜ୍ଜ୍ୱଳା ଯୋଜ୍‌ନାର୍ ହିତାଧିକାରୀ ମାନ୍‌କର୍ ଲାଗି ରନ୍ଧା ଗେସ୍ ସିଲିଣ୍ଡର୍ ପିଛା ସବ୍‌ସିଡ଼ି ଆର୍ ଶହେ ଟଙ୍କା ବଢ଼୍‌ଲା ।

୨- ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାର୍‌ପତି ଭାବେ ଦାୟିତ୍ୱ ନେଲେ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ୍ ଷଡ଼ଙ୍ଗୀ ।

୩- ଝାର୍‌ସୁଗୁଡ଼ା ନ ହେବା ଗୁଟେ ମଲ୍ଟି ସ୍ପେଶାଲିଟି ଆର୍ ଗୁଟେ ସୁପର୍ ସ୍ପେଶାଲିଟି କେନ୍‌ସର୍ ହାସ୍‌ପାତାଲ୍ ।

ଆଉର୍

୪- ଏସୀୟ କ୍ରୀଡ଼ାର ଜାଭ୍‌ଲିନ୍ ଥ୍ରୋ ଥି ଓଡ଼ିଶାର୍ କିଶୋର୍ କୁମାର୍ ଜେନା ଜିତ୍‌ଲେ ରୌପ୍ୟ ପଦକ୍ ।

ଉଜ୍ଜ୍ୱଳା- ସବ୍‌ସିଡ଼ି ଏନ୍‌ଏସ୍‌ଡି

କେନ୍ଦ୍ର ସର୍‌କାର୍ ଉଜ୍ଜ୍ୱଳା ଯୋଜ୍‌ନାର୍ ହିତାଧିକାରୀମାନ୍‌କର୍ ଲାଗି ରନ୍ଧାଗେସ୍ ସିଲିଣ୍ଡର୍ ପିଛା ସବ୍‌ସିଡି ଆର୍ ଶହେ

ଟଙ୍କା ବଢ଼େଇଛନ୍ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅନୁରାଗ୍ ସିଂ ଠାକୁର୍ କହିଛନ୍ । ଇହାଛିନିର୍ ୨ ଶହ ଟଙ୍କା ସବ୍‌ସିଡ଼ିକେ ୩ ଶହ ଟଙ୍କାକେ ବଢ଼ାବାର୍ ଲାଗି କେନ୍ଦ୍ର କେବିନେଟ୍ ମଞ୍ଜୁରୀ ଦେଇଛେ ବଲି ଆଏଜ୍ ନୂଆଦିଲ୍ଲୀ ନ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ମନ୍ତ୍ରୀ ଶ୍ରୀ ଠାକୁର୍ କହିଛନ୍ ।

ପିଏମ୍ ସ୍ୱନିଧି ଯୋଜ୍‌ନା-ପ୍ରଧାନ୍‌ମନ୍ତ୍ରୀ ପ୍ରଶଂସା/ଆର୍‌ଏନ୍‌ୟୁ କଟକ୍/ଏନ୍‌ଏସ୍‌ଡି

ଦେଶେ ପିଏମ୍ ସ୍ୱନିଧି ଯୋଜ୍‌ନାର୍ ହିତାଧିକାରୀଙ୍କର୍ ସଂଖ୍ୟା ୫୦ ଲାଖ୍‌ନୁ ଅଏତ୍‌କା ହେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ଗୃହ ଆର୍ ସହରାଂଚଲ୍ ବ୍ୟାପାର୍ ମନ୍ତ୍ରଣାଳୟର୍ ଗୁଟେ ସୋସିଆଲ୍ ମିଡ଼ିଆର୍ ପୋଷ୍ଟ ଉପ୍‌ରେ ଉତର୍ ରଖିକରି ସ୍ୱନିଧି ଯୋଜ୍‌ନାର୍ ପ୍ରଶଂସା କରିଛନ୍ । ପିଏମ୍ ସ୍ୱନିଧି ଯୋଜ୍‌ନା ଉଠାଦୁକାନୀମାନ୍‌କର୍ ଜୀବନ୍‌ଥି ଉନ୍ନତି ଆନ୍‌ବାର୍ ସଙ୍ଗେ ସେମାନ୍‌କୁ ସମ୍ମାନ୍‌ର ସହେତେ ଜିଇଁବାର୍ ସୁଯୋଗ୍ ଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ସର୍‌କାର୍ ୨୦୨୦ ମସିହା ଜୁନ୍ ୧ ତାରିଖ୍ ଦିନ ପ୍ରଧାନ୍‌ମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର୍ ନିଧି - ସ୍ୱନିଧି ଯୋଜ୍‌ନାର୍ ଶୁଭାରମ୍ଭ

କରିଥିଲେ । ଇ ଯୋଜ୍ନା ଜରିଆଥି ଉଠା ଦୁକାନୀମାନ୍କୁ ବ୍ୟାପାର୍ ଲାଗି ଋଣ ସୁବିଧା ଦିଆଯାଏସି ।

ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ୍ ଷଡ଼ଙ୍ଗୀ ଆର୍ଏନ୍ୟୁ କଟକ୍

ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାର୍ପତି ଭାବେ ବରିଷ୍ଠ ବିଚାର୍ପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ୍ ଷଡ଼ଙ୍ଗୀ ଆଏଜ୍ ଦାୟିତ୍ୱ ନେଇଛନ୍ । ଭାରତ୍ ସର୍କାର୍ଙ୍କର୍ ଆଇନ୍ ଆଉ ନ୍ୟାୟ ମନ୍ତ୍ରଣାଳୟ ତର୍ଫୁ ବାହାରିଥିବା ବିଜ୍ଞପ୍ତି ଅନ୍ସାରେ ଜଷ୍ଟିସ୍ ଷଡ଼ଙ୍ଗୀ କାର୍ଯ୍ୟକାରୀ ମୁଖ୍ୟ ବିଚାର୍ପତି ଭାର୍ ସମ୍ଭଲେଇଛନ୍ । ନୟାଗଡ଼୍ ଜିଲ୍ଲାର୍ ଓଡ଼ଗାଁ ନ ୧୯୬୨ ମସିହା ଜୁଲାଇ ୨୦ ତାରିଖ୍ ଦିନ ଜନ୍ମିଥିବା ଜଷ୍ଟିସ୍ ଷଡ଼ଙ୍ଗୀ କଟକ୍ ମଧୁସୁଦନ୍ ଆଇନ୍ ବିଶ୍ୱବିଦ୍ୟାଳୟ ନୁ ଏଲ୍ଏଲ୍ବି ଆର୍ ଏଲଏଲ୍ଏମ୍ ଡିଗ୍ରୀ ହାସଲ୍ କଲା ଉତ୍ରୁ ଆଇନ୍ଥି ପିଏଚ୍ଡ଼ି ପାଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ଜଷ୍ଟିସ୍ ଶୁଭାଶିଷ ତଳାପତ୍ର ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ପଦନୁ ଅବସର ନେଇଥିଲେ । ସେ ୫୭ ଦିନ୍ ଧରିକରି ଇ ଦାୟିତ୍ୱ ତୁଲେଇଥିଲେ ।

ବିଧାନ୍‌ସଭା ପବ୍ଲିକ୍ ଅଣ୍ଡର୍‌ଟେକିଂ କମିଟିର୍ ଅଧ୍ୟକ୍ଷ-ମହୀଧର୍ ରଣା/ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ କଂଟାମାଲ୍ ବିଧାୟକ୍ ମହୀଧର୍ ରଣା ବିଧାନ୍‌ସଭା ପବ୍ଲିକ୍ ଅଣ୍ଡର୍‌ଟେକିଂ କମିଟିର୍ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ । ଇ ଖବର୍ ମିଲ୍‌ଲା ଉତ୍‌ରୁ ଜିଲ୍ଲାର୍ ଭିନ୍ ଭିନ୍ ମହଲ୍‌ଥି ଖୁସି ପ୍ରକାଶ୍ ପାଇଛେ ।

ସ୍କ୍ରବ୍ ଟାଇଫସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟର୍ ୨ /୩ ଟା ଜିଲ୍ଲାକେ ଛାଡ଼ିଦେଲେ ବାକି ଜାଗା ନ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ୍ ହେଇଛନ୍ ଆଉ ଗାଁ ଆର୍ ସହର୍ ସବୁ ଇଲାକା ନ ସ୍କ୍ରବ୍ ଟାଇଫସ୍ ସଂକ୍ରମିତଙ୍କୁ ଠାବ୍ କରାଯାଇଛେ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ନିରଞ୍ଜନ ମିଶ୍ର ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଏବ୍‌ତକ୍ ରାଏଜେ ୨୨ ହଜାର୍ ୭୭ ଝନ୍‌କର୍ ସ୍କ୍ରବ୍ ଟାଇଫସ୍ ପରୀକ୍ଷା କରାଯାଇଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୨ ହଜାର୍ ୮ ଶହ ୨୦ ଝନ୍ ପଜିଟିଭ୍ ଚିହ୍ନଟ୍ ହେଇଛନ୍ ।

କେନ୍‌ସର୍ ହସ୍ପିଟାଲ୍-ମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ କଟକ୍/ଝାର୍‌ସୁଗୁଡ଼ା

ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଝାର୍‌ସୁଗୁଡ଼ା ସହେତେ ଅନୁଗୁଲ୍, ଭଦ୍ରକ ଆର୍ କେନ୍ଦୁଝର୍ ଜିଲ୍ଲାର୍ ବଡ଼ବିଲ୍ ନ ପିପିପି ମାଧ୍ୟମ୍‌ଥି ଶହେ ନୁ ୨ ଶହ ଶଯ୍ୟାର୍ ସୁପର୍ ସ୍ପେଶାଲିଟି ଆର୍ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ୍ ତିଆର୍ ହେବା । ହେଥିର୍‌ଲାଗି ଆଏଜ୍ ଉପର୍‌ବେଲା ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକଙ୍କର୍ ଉପସ୍ଥିତି ନ ସ୍ୱାସ୍ଥ୍ୟସେବା ଯୁଗଉଥିବା ୨ ଟା ଘରୋଇ ସଂସ୍ଥା ସାଙ୍ଗେ ଚୁକ୍ତିନାମା ହେଇଛେ । ଆମର୍ ଝାର୍‌ସୁଗୁଡ଼ା ସମ୍ବାଦଦାତାଙ୍କର୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଝାର୍‌ସୁଗୁଡ଼ା ନ ଗୁଟେ ଶହେ ଶଯ୍ୟାର୍ ମଲ୍ଟି ସ୍ପେଶାଲିଟି ହାସ୍‌ପାତାଲ୍ ଆର୍ ଗୁଟେ ଶହେ ୨୦ ଶଯ୍ୟାର୍ ସୁପର୍ ସ୍ପେଶାଲିଟି କେନ୍‌ସର୍ ହସ୍ପିଟାଲ୍ ହେବା । ଚୁକ୍ତିନାମା ସ୍ୱାକ୍ଷର୍ ବେଲେ ଝାର୍‌ସୁଗୁଡ଼ାନୁ ଜିଲ୍ଲାପାଳ୍ ଅବୋଲି ସୁନୀଲ୍ ନର୍‌ୱଣେ ଆର୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର୍ ଏମ୍.ଏମ୍. ପଣ୍ଡା ଭିଡ଼ିଓ କନ୍‌ଫରେନ୍ସିଂ ଜରିଏ ସାମିଲ୍ ହେଇଥିଲେ ।

ହବିଷ୍ୟାଳି -ରାଜ୍ୟ ସର୍‌କାର୍ ଆର୍‌ଏନ୍‌ୟୁ କଟକ୍

ପୁରୀ ଶ୍ରୀକ୍ଷେତ୍ର ନ ରହିକରି ହବିଷ ବ୍ରତ ପାଲ୍‌ବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପଞ୍ଜିକରଣ୍ ମୁଲ୍ ହେଇଛେ । ଆଏବା ୨୦ ତାରିଖ୍‌ତକ୍ ପଞ୍ଜିକରଣ୍ ଚାଲ୍‌ବା । ସୂଚ୍‌ନା ଅନ୍‌ସାରେ ଆଏବା ୨୯ ତାରିଖ୍‌ନୁ ହବିଷ ବ୍ରତ ମୁଲ୍ ହେବାର୍‌କେ ଯାଉଥିବାର୍ ବେଲେ ପଞ୍ଜିକରଣ୍ କରିଥିବା ହବିଷ୍ୟାଳି ମାନ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ମାହାଲିଆ ରହେବାର୍ ବ୍ୟବସ୍ଥା ସଙ୍ଗେ ମାହାପ୍ରସାଦ୍ ଯୁଗେଇ ଦିଆଯିବା । ହବିଷ୍ୟାଳି ମାନ୍‌କର୍ ରହେବାର୍ ଲାଗି ନରେନ୍ଦ୍ର କୋଣ, ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ୍ ମଣ୍ଡପ୍ ଆର୍ ବାଗେଡ଼ିଆ ଧରମ୍‌ଶାଲା ନ ବ୍ୟବସ୍ଥା କରାଯିବା । ହବିଷ୍ୟାଳି ମାନେ ଯେନ୍ତା ଭଲ୍‌ଭାବେ ମାହାପୁରୁଙ୍କର୍ ଦର୍ଶନ୍ କରିପାର୍‌ବେ ହେଥିର୍‌ଲାଗି ଭିଲ୍ ବ୍ୟବସ୍ଥା କରାଯିବା ।

ଉତ୍କର୍ଷ ତାଲିମ୍ କେନ୍ଦ୍ର          ଆଇ.ଏଣ୍ଡ୍.ପି.ଆର୍ ପ୍ରେସ୍ ରିଲିଜ୍

ଭୁବନେଶ୍ୱର୍ ନ ଥିବା ମହିଳା ଆଉ ଶିଶୁ ବିକାଶ୍ ତାଲିମ୍ କେନ୍ଦ୍ରକେ ଉତ୍କର୍ଷ ତାଲିମ୍ କେନ୍ଦ୍ରଥି ରୂପାନ୍ତରିତ୍ କରାଯିବା । ହେଥିର୍‌ଲାଗି ମହିଳା ଆଉ ଶିଶୁବିକାଶ୍ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍‌ଙ୍କର୍ ଉପସ୍ଥିତିଥି ରାଜ୍ୟ ମହିଳା, ଶିଶୁ ବିକାଶ୍ ବିଭାଗ୍ ସହେତେ ଗୋପବନ୍ଧୁ ପ୍ରଶାସନିକ୍ ଏକାଡେମୀ ଆଉ

ରାଜ୍ୟ ଗ୍ରାମ୍ୟ ଉନ୍ନୟନ୍ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ଭିତ୍‌ରେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଛେ ।

ଜେଭ୍‌ଲିନ୍ ଥ୍ରୋ      ଆର୍‌ଏନ୍‌ୟୁ ସମ୍ବଲପୁର୍

ଚୀନ୍‌ର ହାଙ୍ଗ୍‌ଝୌ ଠାନେ ଚାଲିଥିବା ଏସୀୟ କ୍ରୀଡ଼ାଥି ଭାରତ୍ ଆଏଜ୍ ନୂଆଁ ଇତିହାସ୍ ବନେଇଛେ । ପୁରୁଷ ବିଭାଗ୍‌ର ଜେଭ୍‌ଲିନ୍ ଥ୍ରୋ ଥି ଭାରତ୍‌ର ନିରଜ୍ ଚୋପ୍ରା ଚମ୍ପିଆନ୍ ହେଇକରି ସ୍ୱର୍ଣ୍ଣପଦକ୍ ଜିତିଥିବାର୍ ବେଲେ ଓଡ଼ିଶାର୍ କିଶୋର୍ କୁମାର୍ ଜେନା ଭିଲ୍ ରୌପ୍ୟ ପଦକ ଜିତିଛନ୍ । ନିରଜ୍ ୮୮ ଦଶ୍‌ମିକ୍ ୮/୮ ମିଟର୍ ଦୂରିଆକେ ଜେଭ୍‌ଲିନ୍ ଫିଙ୍କିଥିବାର୍ ବେଲେ କିଶୋର୍ ୮୭ ଦଶ୍‌ମିକ୍ ୫/୪ ମିଟର୍ ଦୂରିଆକେ ଜେଭ୍‌ଲିନ୍ ଫିଙ୍କିକରି ଗୌରବ୍ ଆନିଛନ୍ । ଇତାର୍‌ସଙ୍ଗେ ନିରଜ୍ ଆର୍ କିଶୋର୍ ଦୁହେ ପେରିସ୍ ଅଲମ୍ପିକ୍‌କେ ଯିବାର୍‌କେ ଯୋଗ୍ୟତା ଅର୍ଜନ୍ କରିଛନ୍ । ସେନ୍ତା ଏସୀୟ କ୍ରୀଡ଼ାଥି ଆଏଜ୍ ଭାରତ୍ ଆଉ ଗୁଟେ ସ୍ୱର୍ଣ୍ଣପଦକ୍ ଜିତିଛେ । ତିରନ୍ଦାଜ୍‌ଥି ଭାରତ୍‌ର ଓଜସ୍ ଦେଓତାଲେ ଆର୍ ଜ୍ୟୋତି ଭେନମ୍ ସୁନାର୍ ପଦକ୍ ଜିତିଛନ୍ । ଏସିଆନ୍ ଗେମ୍ସ୍‌ଥି ଭାରତ୍ ଏବ୍‌ତକ୍ ୧୮ ଟା ସ୍ୱର୍ଣ୍ଣ, ୩୧ ଟା ରୌପ୍ୟ, ୩୨ ଟା କାଂସ୍ୟ ମୋଟ୍ ୮୧ ଟା ପଦକ୍ ଜିତିଛେ ।

ଜାପାନୀ ଭାଷା ସାର୍ଟିଫିକେଟ୍ ପାଠ୍ୟକ୍ରମ          ପ୍ରେସ୍ ରିଲିଜ୍

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନ ଜାପାନୀ ଭାଷା ସାର୍ଟିଫିକେଟ୍ ପାଠ୍ୟକ୍ରମ୍ ମୁଲ୍ ହେଇଛେ । କୁଳପତି ପ୍ରଫେସର୍ ଚକ୍ରଧର ତ୍ରିପାଠୀ ଇ ପାଠ୍ୟକ୍ରମ୍‌ର ଉଦ୍‌ଘାଟନ୍ କରିଛନ୍ । ଏଛେନ୍‌କା ଇ ସାର୍ଟିଫିକେଟ୍ ପାଠ୍ୟକ୍ରମ୍‌ଥି ୬୦ ଝନ୍ ଛାତ୍ରଛାତ୍ରୀଙ୍କର୍ ନାଁ ଲେଖାଯିବା ।

ଶାରଦୀୟ ଦଶ୍‌ରା ପୂଜା ସୂଚୀ          ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲ୍‌ପୁର୍ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଇଙ୍କର୍ ପୀଠ ନ ଶାରଦୀୟ ଦଶ୍‌ରା ପୂଜାର୍ ସୂଚୀ ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ଟ୍ରଷ୍ଟ ବୋର୍ଡ୍ ତର୍‌ଫୁ ବାହାର୍ କରାଯାଇଛେ । ସେ ଅନ୍‌ସାରେ ଆଏବା ୬ ତାରିଖ୍ ମୂଳାଷ୍ଟମୀ ତିଥିନୁ ସମଲେଇ ପୀଠ ନ ଷୋଡ଼ଶ ଦିନାତ୍ମକ ପୂଜା ମୁଲ୍ ହେବା । ଆଏବା ୧୪ ତାରିଖ୍ ଦିନ ମହାଳୟା ତିଥିଥି ମାଁଙ୍କର୍ ଧବଳମୁଖୀ ବେଶ ହେବା । ୧୫ ତାରିଖ୍ ରଏବାର୍ ଦିନୁ ନବରାତ୍ର ଅଖଣ୍ଡ ଦୀପ ଜଳ୍‌ବା । ଆଏବା ୧୯ ତାରିଖ୍ ଦିନ ପଂଚଦିନାତ୍ମକ ପୂଜା ମୁଲ୍ ହେବାର୍ ସଙ୍ଗେ ୨୧ ତାରିଖ୍ ସନ୍ଧିପୂଜା ଆର୍ ମାଁଙ୍କର୍ ଖଣ୍ଡାଧୁଆ,  ୨୨ ତାରିଖ୍

ମହାନଅମୀ ପୂଜା ଆର୍ ୨୪ ତାରିଖ୍ ଦିନ ବିଜୟା ଦଶ୍ମୀ ଆର୍ ରଣଜିତା ଉସ୍ବବ୍ ହେବା । ଅକ୍ଟୋବର୍ ୨୮ ତାରିଖ୍ ଶନିବାର୍ ପୁନି ଦିନ ଦେବୀଙ୍କର୍ ରାଜରାଜେଶ୍ୱରୀ ବେଶ ସାଙ୍ଗେ ମନ୍ଦିର୍ ନ ନୂଆଁ ଧ୍ୱଜା ବନ୍ଧାଯିବା ।

ବନ୍ୟପ୍ରାଣୀ ହପ୍ତା ସମାରୋହ-ସମ୍ବଲପୁର/ଆର୍ଏନ୍ୟୁ ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ହପ୍ତା ସମାରୋହ ଆଏଜ୍ ପାଲିତ୍ ହେଇଯାଇଛେ । ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ ତର୍ଫୁ ସମ୍ବଲପୁର ଜୁ  ନ ହେଇଥିବା କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ଅନନ୍ୟା ଦାସ ଆର୍ ମହାନଗର୍ ନିଗମ୍ର ଆୟୁକ୍ତ ବେଦଭୂଷଣ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ସମାରୋହଥି ବନ୍ୟପ୍ରାଣୀଙ୍କର୍ ସଂରକ୍ଷଣ୍ ଦିଗେ କାମ୍ କରୁଥିବାର୍ନୁ ନାକ୍ଟିଦେଉଲ୍ ବ୍ଲକ୍ ଇଲାକାର୍ ବିନ୍ଦପୁର୍ ଗାଁର୍ ସୁନୀଲ୍ ପ୍ରଧାନ୍ ଆର୍ ଜମନ୍କିରା ବ୍ଲକ୍ ଇଲାକାର୍ ଖଇର୍ଡିହିର୍ ନିତିନ୍ ଚନ୍ଦ୍ର ବିଲହର୍ଙ୍କୁ ୨୦୨୩ ବଛର୍ ଲାଗି ବିଜୁ ପଟ୍ଟନାୟକ୍ ପୁରସ୍କାର୍ ଦିଆଯାଇଥିଲା । ଇତାର୍ସଙ୍ଗେ ୩୩ ଟା ସ୍କୁଲ୍ଥି କରାଯାଇଥିବା ଚିତ୍ରାଙ୍କନ ପ୍ରତିଯୋଗତାର୍ କୃତି ପ୍ରତିଯୋଗୀମାନ୍କୁ ପୁରସ୍କୃତ କରାଯାଇଛେ ।

ରେଲ୍‌ମଣ୍ଡଲ୍- ସତର୍କତା ସଚେତନତା ସେମିନାର୍/ରେଲ୍‌ବାଇ ପ୍ରେସ୍‌ରିଲିଜ୍

ସମ୍ବଲ୍‌ପୁର୍ ମଣ୍ଡଲ୍ ରେଲ୍ ପ୍ରବନ୍ଧକ୍ ଡିଆର୍‌ଏମ୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ସତର୍କତା ସଚେତନତା ସେମିନାର୍ ହେଇଯାଇଛେ । ହେଥି ଅତିରକ୍ତ ଡିଆର୍‌ଏମ୍ ଆନନ୍ଦ ସିଂ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇ ଥିବାର୍ ବେଲେ ରେଲ୍‌ବାଇର୍ ସବୁ କାର୍‌ବାର୍‌ଥି ନୀତି ନିୟମ୍ ପାଲନ୍ ଦିଗେ ସତର୍କତା ଉପ୍‌ରେ ଆଲୋଚନା କରାଯାଇଥିଲା ।

ଆଖି ପରୀକ୍ଷା ଶିବିର କଲାହାଣ୍ଡି ସମ୍ବାଦଦାତା

ରାଷ୍ଟ୍ରୀୟ ଅନ୍ଧତ୍ୱ ଦୂରୀକରଣ୍ ଯୋଜ୍‌ନାଥି କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନାର୍ ବାପୁଜୀ ସ୍କୁଲ୍ ନ ଆଏଜ୍ ଛାତ୍ରଛାତ୍ରୀମାନ୍‌କର୍ ଆଖି ପରୀକ୍ଷା ଶିବିର ହେଇଯାଇଛେ । ଶିବିରଥି ବାପୁଜୀ ସ୍କୁଲ୍ ସହେତେ ଆଖର୍‌ପାଖର୍ ୩ ଶହ ୫ ଝନ୍ ଛାତ୍ରଛାତ୍ରୀଙ୍କର୍ ଆଖି ପରୀକ୍ଷା କରାଯାଇଥିଲା । ସେମାନ୍‌କର୍ ଭିତ୍‌ରୁ ୪୮ ଝନ୍‌କୁ ଚଷ୍‌ମା ଦିଆଯାଇଥିବାର୍ ବେଲେ ୨୮ ଝନ୍‌କୁ ଉଚ୍ଚଚିକିତ୍ସାର୍ ଲାଗି ବଡ଼୍ ଡାକ୍ତର୍‌ଖାନାକେ ଯିବାର୍‌କେ କୁହାଯାଇଛେ । ଏନ୍ତା ଶିବିର ଜରିଆଥି ଜିଲ୍ଲାର୍ ୨ ହଜାର୍ ୩ ଶହ ୨୪ ଟା ସ୍କୁଲ୍‌ର

ଛାତ୍ରଛାତ୍ରୀମାନ୍‌କର୍ ଚକ୍ଷୁ ପରୀକ୍ଷା କରାଯିବା ବଲି ରାଷ୍ଟ୍ରୀୟ ଅନ୍ଧତ୍ୱ ଦୂରୀକରଣ୍ ଯୋଜ୍‌ନାର୍ ଜିଲ୍ଲା କାର୍ଯ୍ୟକ୍ରମ୍ ପ୍ରବନ୍ଧକ ଡାକ୍ତର୍ ନିବେଦିତା ସାହୁ କହିଛନ୍ ।

ଦୁର୍ଘଟଣା ହିନ୍ଦୁସ୍ଥାନ୍ ସମାଚାର୍

ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ଥାନା ଇଲାକାର୍ ପରୁଆଭାଡ଼ି ପଂଚାୟତ ଅଫିସ୍ ସାମ୍ନା ନ ଆଏଜ୍ ସଖାଲେ ଅଜନା ଗାଡ଼ି ଧକ୍କାଥି ଝନେ ବୁଢ଼ାଲୋକ୍ ଆର୍ ଝନେ ଯୁଆନ୍ ପିଲାର୍ ଘଟ୍‌ନା ଜାଗା ନ ଜୀବନ୍ ଯାଇଛେ । ଦୁହି ମୃତକ୍‌ଙ୍କର୍ ପରିବାର୍‌କେ କ୍ଷତିପୂରଣ୍ ଦାବିଥି ଇଲାକାର୍ ଲୁକେ ରାସ୍ତାରୋକ କରିଥିଲେ । ପ୍ରଶାସନ୍ ଆର୍ ପୁଲିସ୍ ଅଧିକାରୀମାନେ ପୁହୁଁଚିକରି ବୁଝାସୁଝା କର୍‌ଲା ଉତ୍‌ରୁ ଲୁକେ ରାସ୍ତାରୋକ ନୁ ହଟିଥିଲେ ।

ପାଣିପାଗ / ହୀରାକୁଦ୍ ଜଲ୍‌ଭଣ୍ଡାର ଆର୍‌ଏନ୍‌ୟୁ ସମ୍ବଲପୁର୍

ପଶ୍ଚିମ ଓଡ଼ିଶାର୍ ସୁନ୍ଦରଗଡ୍ ସହେତେ ମୟୁର୍‌ଭଞ୍ଜ, କେନ୍ଦୁଝର୍ ଆର୍ ଉତର୍ ଓଡ଼ିଶାର୍ ସମୁଦ୍ରଖଁଡ଼ି ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଆଏବା କାଏଲ୍ ସଖାଲ୍‌ତକ୍ ଚଡ଼କ୍ ମାରିକରି

ଧୁକାଗର୍ଡ଼ି ସାଙ୍ଗେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେ ୬ ଶହ ୨୯ ଦଶ୍‌ମିକ୍ ୩/୫ ଫୁଟ୍ ରହିଥିଲା । ଡେମ୍ କଂଟ୍ରୋଲ୍ ରୁମ୍‌ନୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଇ ସମିଆଥି ୩ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୬୫ ହଜାର୍ ୫ ଶହ ୫୨ ଘନଫୁଟ୍ ପାଏନ୍ ମହାନଦୀକେ ଛଡ଼ାଯାଉଛେ ଆଉ ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୧ ଲାଖ୍ ୨୫ ହଜାର୍ ଶହେ ୧୮ ଘନଫୁଟ୍ ପାଏନ ଆସୁଛେ ।